ଶନିବାର, ୪ ଜାନୁଆରୀ, ୨୦୨୫

# ପିଲାଙ୍କ ଧରିତ୍ରୀ





## ଖିଲି ଖିଲି ହସ

ଟ୍ରେନ୍‌ରେ ଯିବା ସମୟରେ ଟିଟି ପିଣ୍ଟୁକୁ ଅଟକାଇଦେଲେ।
ଟିଟି: ଜଲ୍‌ଦି ଟିକେଟ ଦେଖାଅ
ପିଣ୍ଟୁ: ଆରେ ମୁଁ ତ ଟ୍ରେନ୍‌ରେ ଆସିନି ଟିକେଟ ଦେଖେଇବି କେମିତି ?
ଟିଟି: କି ପ୍ରମାଣ ଅଛି ତୁମେ ଟ୍ରେନ୍‌ରେ ଆସିନ ବୋଲି ?
ପିଣ୍ଟୁ: ଆରେ ଟିଟି ସାହାବ,ସବୁଠାରୁ ବଡ଼ ପ୍ରମାଣ ହେଲା ମୋ ପାଖରେ ଟିକେଟ ନାହିଁ।

(ଚିଣ୍ଟୁ ମିଣ୍ଟୁ ମଧ୍ୟରେ କଥାବାର୍ତ୍ତା)
ଚିଣ୍ଟୁ: ଏବେ ଏତେ ମେଦବହୁଳତା ବଢ଼ିଗଲାଣି ଯେ ସେଥିପାଇଁ ବାହାର ଖାଇବା ବନ୍ଦ।
ମିଣ୍ଟୁ: ସେଥିପାଇଁ ତ ମୁଁ ପ୍ୟାକ୍ କରିକି ଆଣିଛି ,ସାଙ୍ଗ ହୋଇ ଖାଇବା ଚାଲ।

ଭିକାରି: କିଛି ଖାଇବାକୁ ଦିଅ।
ବ୍ୟକ୍ତି: ଆରେ ଭାଇ ଖାଲି ରୁଟି ଖାଇପାରିବ ?
ଭିକାରି: ହଁ
ବ୍ୟକ୍ତି: ତେବେ ତୁମେ କାଲିକି ଆସ ମୁଁ ତୁମକୁ ରୁଟି ଦେବି।

# ପାଟିରୁ ବାହାରିଲା ଧୂଆଁ



ଗପ

ସୁମନ ବାପା ବୋଉଙ୍କ ସହ ବଣଭୋଜି କରିବାକୁ ଗଞ୍ଜାମ ଜିଲାର ତାରାତାରିଣୀ ମନ୍ଦିର ବାହାରିଲେ। ସାଙ୍ଗରେ ସାହି ପଡ଼ିଶାର କିଛି ଲୋକ ବି ବାହାରିଲେ। ସମସ୍ତେ ସକାଳ ଛଅଟା ବେଳକୁ ଗାଡ଼ିରେ ବସି ପଡିଲେ। ସୁମନର ଖୁସି ତ କହିଲେ ନ ସରେ। ଯାହା ହେଉ ଏତେଦିନ ପରେ ବାପା ବୋଉଙ୍କ ସହ ଆଜି ସେ ବୁଲି ବାହାରିଛି।

କିନ୍ତୁ ବିଭିନ୍ନ ସ୍ଥାନ ବିଷୟରେ ଜାଣିବା ଏବଂ ସେଥିରୁ କିଛି ବିଦ୍ୟା ଆହରଣ କରିବାରେ ତା'ର ଆଗ୍ରହ ବେଶି। ସେଥିପାଇଁ ଯାହାକୁ ପାଖରେ ପାଏ ବିଭିନ୍ନ ପ୍ରଶ୍ନ ପଚାରି ଲୋକଙ୍କୁ ବିରକ୍ତ କରି ପକାଏ। କିନ୍ତୁ ପିଲାର ଆଗ୍ରହ ଦେଖି ତାକୁ ସମସ୍ତେ ପ୍ରଶ୍ନର ଉତ୍ତର ଦେଇ ଗେହ୍ଲା କରନ୍ତି।

ସିଟ୍‌ରେ ବସୁ ବସୁ ସେ ଆରମ୍ଭ କରିଦେଲା ତା'ର ଚିରାଚରିତ ପ୍ରଶ୍ନ ବାଣ, ବାପାଙ୍କୁ ଗୋଟେ ପରେ ଗୋଟେ ପ୍ରଶ୍ନ ପଚାରି। ଯେମିତି କି ତାରାତାରିଣୀ ମନ୍ଦିର କେବେ ପ୍ରତିଷ୍ଠା ହେଲା ? ମନ୍ଦିରର ପୂଜା କେଉଁମାନଙ୍କ ଦ୍ୱାରା ହୁଏ। ମନ୍ଦିରର ଉତ୍ପତ୍ତି ସମ୍ପର୍କରେ ଇତିହାସ ଆଦି କେତେ କଥା।

ବାପା ତାକୁ ଗୋଟେ ପରେ ଗୋଟେ ପ୍ରଶ୍ନର ଉତ୍ତର ଦେଉଥାନ୍ତି। ଶୀତଦିନ ଅଧିକ ଥଣ୍ଡା ପଡିଥାଏ। ଦେହ ହାତ ଥରି ଯାଉଥାଏ। ଏହି ସମୟରେ ବାପା ଗୋଟେ ଜୋରରେ ହାଇ ମାରିଲେ।

ତାଙ୍କ ପାଟିରୁ ଧୂଆଁ ବାହାରିବାର ଦେଖି ସଙ୍ଗେ ସଙ୍ଗେ ସୁମନ ପଚାରି ଦେଲା : ବାପା ଏ ଶୀତଦିନେ ପାଟିରୁ ଧୂଆଁ ବାହାରେ କାହିଁକି ?

ପୁଅର ଆଗ୍ରହ ଦେଖି ତା' ବାପାଙ୍କ ଢୋଳେଇବା ବନ୍ଦ ହୋଇଗଲା। ସେ ସୁମନକୁ କୋଳକୁ ଆଉଜେଇ ନେଇ କହିଲେ– ବାଃ ବଢ଼ିଆ କଥା ପଦେ ପଚାରିଲୁ ସୁମନ। ଆଚ୍ଛା ସୁମନ: ବୋଉ ରୋଷେଇ କଲାବେଳେ ତୁ ଦେଖିଥିବୁ ତେଲ ଭାଜି କଲାବେଳେ ତେଲ ଟକ ଟକ୍ ହୋଇ ଫୁଟୁ ଥାଏ। ତେଲ ଗରମ ହେଇଛି କି ନାହିଁ ଜାଣିବା ପାଇଁ, ସେଥିରେ ପାଣି ଟିକେ ସିଞ୍ଚି ଦିଅନ୍ତି। ସେଥିରୁ ଭୁସକରି ଧୂଆଁ ବାହାରେ। ସୁମନ ସଙ୍ଗେ ସଙ୍ଗେ କହିଲା: ହଁ ବାପା ମୁଁ କେତେଥର ଦେଖିଛି।

ଏମିତି କାହିଁକି ହୁଏ ? ତା'ର କାରଣ ହେଉଛି ତେଲର ତାପମାତ୍ରାଠାରୁ ପାଣିର ତାପମାତ୍ରା କମ୍। ଯେତେବେଳେ ଗରମ ତେଲରେ ପାଣି ପଡେ ସେତେବେଳେ ତାହା ବାଷ୍ପ ହୋଇ ଜଳକଣାରେ ପରିଣତ ହୋଇ ଉପରକୁ ଉଠିଯାଏ। ଏ କଥାଟି ଠିକ୍ ସେମିତି। ଶୀତଦିନେ ବାୟୁମଣ୍ଡଳର ତାପମାତ୍ରାଠାରୁ ଶରୀରର ତାପମାତ୍ରା ଅଧିକ ଥାଏ। ତେଣୁ ଯେତେବେଳେ ଆମେ ପାଟିବାଟେ ଗରମ ପବନକୁ ଦେହରୁ ବାହାରକୁ ବାହାର କରୁ ସେତେବେଳେ ବାହାରର ତାପମାତ୍ରା ଥଣ୍ଡା ଥିବାରୁ ତାହା ସଙ୍ଗେ ସଙ୍ଗେ ଜଳକଣାରେ ପରିଣତ ହୋଇଯାଏ। ଯାହା ଆମକୁ ଧୂଆଁ ରୂପରେ ଆଖିକୁ ଦିଶେ।

ବସ୍‌ରେ ବସିଥିବା ଲୋକେ ସମସ୍ତେ ସୁମନର କଥା ଶୁଣୁଥିଲେ। କଥା ସରୁସରୁ ସିଟ୍‌ରୁ ଉଠିଆସି ସୁମନକୁ ଗେଲ କଲେ। କହିଲେ ବାଃ ପୁଅ ହେବ ତ ଏମିତି। ଜାଣିବାର ଇଚ୍ଛା ଥିଲେ ବିଦ୍ୟା ବୁଦ୍ଧି ଆପେ ଆପେ ଆସେ। ଦେଖିବ ଦିନେ ନା ଦିନେ ସେ ଜଣେ ଭଲ ମଣିଷ ହେବ।

ବସ୍ ଆସି ତାରାତାରିଣୀ ପାଦଦେଶରେ ଲାଗିଲା। ମନ୍ଦିରକୁ ଯିବା ପାଇଁ ୯୯୯ ପାହାଚ ଅଛି। ସମସ୍ତେ ଗୋଟେ ପରେ ଗୋଟେ ପାହାଚ ଚଢ଼ି ଉପରକୁ ଗଲେ। ସେଠାରେ ଦର୍ଶନ ସାରି ବଣଭୋଜି କଲେ। ଫେରିଲା ବେଳେ ପାହାଡ଼ରୁ ତଳକୁ ଗୋଟେ ଝୁଲା ଦୋଳି ଅଛି। ସେଥିରେ ବସି ଗାଆଁଗୁଡ଼ିକର ଦୃଶ୍ୟ ଦେଖି ସୁମନ ବହୁ ଖୁସି ହୋଇଗଲା।

**– ମୋହନ କୁମାର ସ୍ୱାଇଁ**
ବେଣାପୁର, କଣ୍ଟିଗଡିଆ, ଯାଜପୁର
ମୋ: ୮୧୧୮୦୯୯୦୩୮

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ଜାତୀୟ ପତାକାରେ ମନ୍ଦିର


ଏମିତି ଏକ ଦେଶ ଅଛି, ଯାହାର ଜାତୀୟ ପତାକାରେ ହିନ୍ଦୁ ମନ୍ଦିରର ଚିତ୍ର ସ୍ଥାନ ପାଇଛି। ଏହି ଦେଶଟି ହେଉଛି କାମ୍ବୋଡିଆ। ସାରା ବିଶ୍ୱରେ ଏହା ହେଉଛି ଏକମାତ୍ର ଜାତୀୟ ପତାକା, ଯେଉଁଥିରେ ହିନ୍ଦୁ ମନ୍ଦିର ଶୋଭାପାଉଛି। ୧୯୮୯ ମସିହାରେ କାମ୍ବୋଡିଆରେ ଏହି ପତାକା ପ୍ରସ୍ତୁତ ହୋଇଥିଲା, କିନ୍ତୁ ୧୯୯୩ରେ ଏହାକୁ ସରକାରୀ ସ୍ତରରେ ମଞ୍ଜୁରୀ ମିଳିଥିଲା। ୧୮୭୫ ମସିହାରେ ଏହି ପତାକାରେ ଅଙ୍କୋର ୱାଟ ମନ୍ଦିରର ଚିତ୍ର ରହିଥିଲା ଓ ଏହାର ତଳ ଭାଗରେ ନୀଳ ରଙ୍ଗର ପଟି ରହିଥିଲା। ୧୯୪୮ରେ କାମ୍ବୋଡିଆକୁ ସ୍ୱାଧୀନତା ମିଳିବା ପରେ ଏହି ପତାକାକୁ ଜାତୀୟ ପତାକାର ମାନ୍ୟତା ମିଳିଥିଲା। ୧୯୭୦ ଅକ୍ଟୋବର ପର୍ଯ୍ୟନ୍ତ ଏହି ପତାକା ଚାଲିଥିଲା। ଏହା ପରେ ଦେଶର ନାମ ବଦଳାଇ ଖମେର ଗଣରାଜ୍ୟ ରଖାଯାଇଥିଲା ଓ ଜାତୀୟ ପତାକା ମଧ୍ୟ ପରିବର୍ତ୍ତନ କରାଯାଇଥିଲା। ପୁଣି ଥରେ ୧୯୭୫ ମସିହାରେ ଡେମୋକ୍ରାଟିକ କମ୍ପୁଚିଆ ହୋଇଥିଲା। ଏହି ସମୟରେ ପତାକା ପରିବର୍ତ୍ତନ ହୋଇ ଅଙ୍କୋର ୱାଟ ମନ୍ଦିରଥିବା ପତାକା ବ୍ୟବହାର ହୋଇଥିଲା। ଏହିଭଳିଭାବେ ବହୁଥର କାମ୍ବୋଡିଆରେ ଶାସନ ବଦଳିବା ସହିତ ପତାକା ମଧ୍ୟ ବଦଳିଛି, କିନ୍ତୁ ପତାକାରେ ଥିବା ମନ୍ଦିର ଚିତ୍ର ସବୁ ସମୟରେ ରହିଛି। ୧୭୦ ବର୍ଷ ମଧ୍ୟରେ କାମ୍ବୋଡିଆର ଜାତୀୟ ପତାକା ୯ ଥର ବଦଳିଛି।



# ମତାମତ

- ଏଥର ପ୍ରକାଶିତ ନୂଆବର୍ଷ ପାଇଁ କବିତାଗୁଡିକ ମନଛୁଆଁ ହୋଇଛି।
  **–ମିନତୀ ସାହୁ, ନୂଆବଜାର, କଟକ**
- କଳିକା ପୃଷ୍ଠାରେ କୁନିକୁନି ମଡେଲଙ୍କ ଫଟୋ ବେଶ୍ ସୁନ୍ଦର ହୋଇଥିଲା।
  **–ରଞ୍ଜନ ମହାନ୍ତି, ରାଜକନିକା, କେନ୍ଦ୍ରାପଡ଼ା**
- ନୂଆବର୍ଷକୁ କିପରି ପାଳନ କରିବେ ସେ ସମ୍ପର୍କରେ ଜାଣିପାରିଲି।
  **–ମିହିର କାନ୍ତ ରାଉତ, ନୟାଗଡ଼**
- ଜଣା ଅଜଣା ସ୍ତମ୍ଭରେ ନୂଆବର୍ଷ ସମ୍ପର୍କରେ କିଛିକଥା ଏବଂ ଇଥିଓପିଆ ଏପରି ଏକ ଦେଶ ଯେଉଁଠି ତେର ମାସ ପାଠଟି ପଢ଼ି ସେ ସମ୍ପର୍କରେ ସୂଚନା ମିଳିଲା।
  **–ମିତାଲି ମଧୁମିତା ନାୟକ, ସୁନ୍ଦରଗଡ଼**

## ରଙ୍ଗ ଦିଅ







ସଫଳତାର ପାହାଚ ଚଢିବାକୁ ହେଲେ ଭଲ ଅଭ୍ୟାସ ଆପଣାଇବା ଜରୁରୀ। ସମୟର ଆହ୍ୱାନକୁ ଗ୍ରହଣ କରି ଭୁଲ୍ ସୁଧାରି ନେଇ ପରିଶ୍ରମ କଲେ ଶୀର୍ଷ ସ୍ଥାନରେ ପହଞ୍ଚିହେବ। ଏଥିପାଇଁ ତ ନୂଆବର୍ଷରୁ ନୂଆ କରି ପୁଣି ଥରେ ପ୍ରୟାସ ଆରମ୍ଭ କରିବାକୁ ସମସ୍ତେ ସଙ୍କଳ୍ପ ନିଅନ୍ତି। ଏହି ଚିନ୍ତାଧାରାକୁ ଗ୍ରହଣ କରି ପିଲାମାନେ ନିଜକୁ କେମିତି ବଦଳାଇବାକୁ ଚେଷ୍ଟା କରୁଛନ୍ତି ସେସମ୍ପର୍କରେ...

# ନୂଆ ସଙ୍କଳ୍ପ

ଆଗକୁ ବଢିବାକୁ ହେଲେ ବଦ ଗୁଣକୁ ବଦଳାଇବାକୁ ହେବ। ସେଥିପାଇଁ ନୂଆବର୍ଷରୁ ନୂଆ ସଙ୍କଳ୍ପ। ଏମିତି କିଛି ଚିନ୍ତା କରି ନିଜର କେଉଁ ସବୁ ଗୁଣକୁ ସୁଧାରିବାକୁ ହେବ ତାହା ଜାଣିପାରିଲେ ହିଁ ସଫଳତାର ମାର୍ଗ ସହଜ ହେବ। ତେବେ ଅଭ୍ୟାସକୁ ସୁଧାରି ଠିକ୍ ମାର୍ଗରେ ଚାଲିବାକୁ ହେଲେ ମନକୁ ମଧ୍ୟ ଦୃଢ କରିବାକୁ ହେବ। ତେଣୁ ପିଲାମାନେ ଏହି ଦୃଷ୍ଟିରୁ ନିଜକୁ ସଜାଡି ନେବା ପାଇଁ ଚେଷ୍ଟା କରିବା ଦରକାର। ଆଉ ଜୀବନରେ ସଫଳତା ହାସଲ କରିବାକୁ ହେଲେ ପରିଶ୍ରମ ଓ କର୍ତ୍ତବ୍ୟନିଷ୍ଠା ଯେତିକି ଦରକାର ସେହି ଅନୁସାରେ ପ୍ଲାନିଂ ମଧ୍ୟ ଦରକାର। ତେଣୁ ନୂଆବର୍ଷରୁ ପିଲାମାନେ ନିଜର କେଉଁ ସବୁ ଗୁଣ ବଦଳାଇକୁ ନିଷ୍ପତ୍ତି ନେଇଛନ୍ତି ସେ ସମ୍ପର୍କରେ କେତେଜଣ ପିଲା ଯାହା କୁହନ୍ତି...

## କ'ଣ କରିବେ ଏମାନେ

### ଟିଫିନ୍ ବଦଳେଇବି



ନୂଆବର୍ଷରୁ ମୋ ଖାଇବା ଶୈଳୀ ବଦଳେଇବି ବୋଲି ନିଷ୍ପତ୍ତି ନେଇଥିଲି। ସେହି ଅନୁସାରେ ଏବେ ଖାଇବା ଚେଞ୍ଜ ବି କରିଛି। ମତେ ଜଙ୍କ୍‌ଫୁଡ୍ ବହୁତ ଭଲ ଲାଗେ। ହେଲେ ତାହା ଦେହ ପାଇଁ ବହୁତ ଖରାପ ବୋଲି ଜାଣିସାରିଛି। ତେଣୁ ଏବର୍ଷରୁ ଆଉ ଜଙ୍କଫୁଡ୍ ଖାଉନି, ଆଉ ଆଗକୁ ବି ଖାଇବିନି। ଘରେ ତ ପ୍ରାୟ ଅଧିକାଂଶ ଥର ନୁଡୁଲ୍ସ ଖାଇବାକୁ ମାମାଙ୍କୁ କହେ। କିନ୍ତୁ ଏଥର ଜଙ୍କ୍‌ଫୁଡ ବଦଳରେ ମାମାଙ୍କ ଇଚ୍ଛାରେ ସବୁଦିନ ଜଳଖିଆ ଖାଇବି ବୋଲି କହିଦେଇଛି। ଫ୍ରୁଟ୍ ସାଲାଡ ବି ଖାଇବି। କ୍ୱଚିତ୍ ସମୟରେ ଯଦି ମାମା ନିଜଆଡୁ କିଛି ନୁଡୁଲ୍ସ ତିଆରି କରି ଦେବେ ତା'ହେଲେ ଖାଇବି, ନଚେତ୍ ଆଦୌ ଖାଇବି ନାହିଁ। ଦେହ ସୁସ୍ଥ ରଖିଲେ ହିଁ ଭଲ ପାଠ ପଢିପାରିବି। ଏହି ଦୃଷ୍ଟିରୁ ଚିନ୍ତା କରି ଏଥର ଏଭଳି ନିଷ୍ପତ୍ତି ନେଇଛି।

**–ଆରାଧ୍ୟା ସାହୁ**, କ୍ଲାସ–୫, କେନ୍ଦ୍ରୀୟ ବିଦ୍ୟାଳୟ, ବ୍ୟାସନଗର, ଯାଜପୁର ରୋଡ

### ଅଧିକ ସମୟ ପଢ଼ିବି



ଏଥର ନୂଆବର୍ଷରୁ ୨ ଘଣ୍ଟା ଲେଖାଏ ଅଧିକ ସମୟ ପଢିବା ଆରମ୍ଭ କରିଛି। ଏଥିପାଇଁ ରାତିରେ ହିଁ ସମୟ ବାହାର କରିବାକୁ ପଡୁଛି। ସକାଳେ ଟିଉଶନ ଓ ତା'ପରେ ସ୍କୁଲରୁ ଫେରିବା ପରେ କିଛି ସମୟ ଖେଳିବାକୁ ଯାଏ। ସନ୍ଧ୍ୟାବେଳେ ହିଁ ମତେ ହୋମ୍‌ୱାର୍କ କରିବା ଓ ପ୍ରାକ୍ଟିସ୍ କରିବାକୁ ହୁଏ। ତେଣୁ ଏହି ସମୟରେ ଓ ଭୋରରୁ ଘଣ୍ଟାଏ ଅଧିକ ପଢିବି ବୋଲି ଚିନ୍ତା କରିଛି। ଧୀରେ ଧୀରେ ଏହି ପଢିବା ସମୟ ମତେ ବଢାଇବାକୁ ବି ପଡିବ। ତେଣୁ ଏବର୍ଷ ଅଭ୍ୟାସ ହୋଇଗଲେ ଆରବର୍ଷକୁ ପଢିବା ସମୟ ଆଉ ବଢେଇବି ବୋଲି ଭାବିଛି। ଯେତେ କଷ୍ଟ ହେଲେ ବି ପଢିବା ସମୟ ବଢେଇବି ବୋଲି ମନକୁ ଦୃଢ କରିଛି।

**–ସୋହମ୍ କୁମାର**, କ୍ଲାସ୍– ୭, ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲ, କୋଦାରଗୌରୀ, ଭୁବନେଶ୍ୱର

### ଯୋଗ ଆରମ୍ଭ କରିଛି



ଏଥର ଯାହା ବି ହଉ ମୁଁ କିନ୍ତୁ ସବୁଦିନ ଯୋଗ ଓ ଏକ୍ସରସାଇଜ୍ କରିବି। ବେଶି ନ ହେଲେ ଅତିକମ୍‌ରେ ୧୫ ମିନିଟ୍ ବି କାଢିବି। ଏମିତି ଏକ ସଙ୍କଳ୍ପ ନେଇ ସକାଳୁ ଏକ୍ସରସାଇଜ୍ ଆରମ୍ଭ କରିଛି। ସକାଳ ୫ଟାରୁ ଉଠି ୧୦ମିନିଟ୍ ଏକ୍ସରସାଇଜ୍ କରିବା ପରେ ନିତ୍ୟକର୍ମ ସାରି ଟିୟୁଶନ୍ ଯାଉଛି। କୌଣସି ପ୍ରକାରର ଏକ୍ସରସାଇଜ୍ କରୁ ନ ଥିଲି ବୋଲି ମୋ ଓଜନ ବହୁତ ଅଧିକ ହୋଇଯାଇଛି। ସେଥିପାଇଁ ମାମା ମତେ ଏକ୍ସରସାଇଜ୍ କରିବା ସହିତ ସାଇକେଲ୍ ଚଲାଇବାକୁ କହୁଛି। ଏବେଠୁ ଏସବୁ କାମ କରିବା ଆରମ୍ଭ କରିଦେଇଛି। ଆଗକୁ ସବୁଦିନ ଏହି କାମକୁ ଅଭ୍ୟାସରେ ପକାଇ ଦେବି ବୋଲି ମୋର ବିଶ୍ୱାସ ରହିଛି। ଅଭ୍ୟାସ ହେବା ପରେ ହିଁ ଏକ୍ସରସାଇଜ୍ ସମୟ ବଢେଇବି।

**–ଓମ୍‌ନି ପ୍ରେଜେନ୍ସ ସୁନ୍ଦରାୟ**, କ୍ଲାସ୍– ୬, ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ଖୋର୍ଦ୍ଧା ରୋଡ୍

### ଡ୍ରଇଂ କରିବି



ମତେ ଡ୍ରଇଂ କରିବାକୁ ବହୁତ ଭଲ ଲାଗେ। ତେଣୁ ଏଥର ନୂଆବର୍ଷ ପରଠାରୁ ପ୍ରତି ମାସରେ ଗୋଟିଏ ଲେଖାଁ ସୁନ୍ଦର ଆଉ ବଡ ଚିତ୍ର ଆଙ୍କିବି ବୋଲି ଭାବିଛି। ବାବା ମଧ୍ୟ ଏନେଇ ମତେ ଅନେକ ଥର କହିଲେଣି। ଡ୍ରଇଂ ଭଲ ହୁଏ ବୋଲି ସ୍କୁଲରେ ସାର୍‌ମାନେ ବି ମତେ ପେଣ୍ଟିଂ କରିବା ପାଇଁ କହୁଛନ୍ତି। ତେଣୁ ବିଭିନ୍ନ ଥିମ୍‌ରେ ଏଥର ମାସକୁ ବେଶି ନ ହେଲେ ଗୋଟିଏ ଲେଖାଏଁ ପେଣ୍ଟିଂ କରିବି ବୋଲି ଭାବିଛି। ସବୁ ପେଣ୍ଟିଂ ଅଧିକ ହେଲେ ସେସବୁକୁ ନେଇ ପ୍ରଦର୍ଶନୀରେ ଭାଗନେବା ପାଇଁ ସବୁ ବ୍ୟବସ୍ଥା କରିବେ ବୋଲି ବାବା ମତେ କହିଛନ୍ତି।

**–ସାଇ ଦିବ୍ୟାଂଶୀ ବାରିକ**

କ୍ଲାସ୍– ୫, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଜଗତ୍‌ସିଂହପୁର

### ମୋବାଇଲ୍ ଡିଟାକ୍ସ



କେବଳ ପାଠପଢିବା ଛାଡି ମୋବାଇଲ୍ ଫୋନ୍ ଆଦୌ ଧରିବି ନାହିଁ ବୋଲି ଏଥର ନୂଆବର୍ଷରେ ସଙ୍କଳ୍ପ ନେଇଛି। ମୋବାଇଲ ଥରେ ଧରିଲେ ଯେମିତି ନିଶା ଭଳି ଟାଣିହେଇ ରହିଯାଉଛି ବୋଲି ମତେ ମାମା ସବୁଦିନେ ଗାଳି ଦଉଛି। ତେଣୁ ମୋବାଇଲଠୁ ଦୂରେଇ ରହିବି। ଏମିତିକି ସ୍କୁଲରେ ଅବା ସାଙ୍ଗମାନେ କେହି ପାଠ ପଠେଇଲେ ବି ବାବାଙ୍କୁ କହି ଜେରକ୍ସ ଆଣି ପଢିବି ବୋଲି ଭାବିଛି। ବେଶି ନ ହେଲେ ବି କେବଳ ପାଠପଢାକୁ ଛାଡି ଅନ୍ୟ ସମୟରେ ଫୋନ୍‌ରେ କିଛି ବି ସର୍ଚ୍ଚ କିମ୍ବା ଅନ୍ୟ କିଛି ଦେଖିବି ନାହିଁ। ଦୁଇ ତିନି ଭିତରେ ଏଇ କାମଟା ମୋ ପାଇଁ ବହୁତ କଷ୍ଟକର ହେବ ବୋଲି ଜାଣିଛି ହେଲେ ଚେଷ୍ଟା କରି ମୋ ନିଷ୍ପତ୍ତିରେ ଦୃଢ ରହିବି।

**–ଆୟୁଷ୍ମାନ୍ ମହାନ୍ତି**

କ୍ଲାସ୍– ୬, ଷ୍ଟିୱାର୍ଟ ସ୍କୁଲ, ୟୁନିଟ୍–୮, ଭୁବନେଶ୍ୱର

୧ ଦେବରଞ୍ଜନ ସାହୁ
କ୍ଲାସ୍- ୪, ମଦର୍ସ ପବ୍ଲିକ ସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର





୨ ସର୍ବଜିତ୍ ଶତପଥୀ
କ୍ଲାସ୍- ୩, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ମାର୍ଶାଘାଇ, କେନ୍ଦ୍ରାପଡ଼ା

୩ ଶ୍ରୀତମ ବରିହା
କ୍ଲାସ୍- ୮, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ମାର୍ଶାଘାଇ, କେନ୍ଦ୍ରାପଡ଼ା





୪ ଆଦିତ୍ୟ ମହାନ୍ତି
କ୍ଲାସ୍-୫, ମଦର୍ସ ପବ୍ଲିକ ସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର

୫ ଅଭିଳାଷ ଦାଶ
କ୍ଲାସ୍- ୮, ବଲାଙ୍ଗୀର ପବ୍ଲିକ ସ୍କୁଲ, ବଲାଙ୍ଗୀର





୬ ପ୍ରତିଷ୍ଠା ରାଉଳ
କ୍ଲାସ୍- ୫, ଜେନିଥ ଇଣ୍ଟରନ୍ୟାଶନାଲ ସ୍କୁଲ, ମାର୍ଶାଘାଇ, କେନ୍ଦ୍ରାପଡ଼ା

୭ ଆଶ୍ରିତା କର
କ୍ଲାସ୍- ୩, ପ୍ରଭୁଜୀ ଇଂଲିଶ ମିଡିୟମ ସ୍କୁଲ, ଭିଏସ୍ଏସ୍ ନଗର, ଭୁବନେଶ୍ୱର






୮ ସ୍ୱତନ୍ତ୍ର ରାଉତରାୟ
କ୍ଲାସ୍- ୧, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ସତ୍ୟନଗର, ଭୁବନେଶ୍ୱର

୯ ଅନିଶ ଶତପଥୀ
କ୍ଲାସ୍- ୪, ଆଷ୍ଟର ପବ୍ଲିକ ସ୍କୁଲ, ନୋଏଡା, ନୂଆଦିଲ୍ଲୀ







୧



୨



୩




୪




୫




୬




୭




୮




୯

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ




# ୫୯ ବର୍ଷରେ ପୁସ୍-ଅପ୍

ଅଧିକ ବୟସରେ ପୁସ୍-ଅପ୍ କରିବା ସ୍ୱାସ୍ଥ୍ୟ ପାଇଁ ଆଦୌ ଭଲ ନୁହେଁ ବୋଲି ପ୍ରାୟତଃ ସମସ୍ତେ ଭାବନ୍ତି। ହେଲେ ଏହାକୁ ଭୁଲ୍ ପ୍ରମାଣିତ କରିଛନ୍ତି କାନାଡାର ୫୯ ବର୍ଷୀୟା ବୃଦ୍ଧା ଡୋନାଜେନ୍ ୱାଇଲ୍ଡ। ଏହି ବୟସରେ ସେ ଯେଉଁଭଳି ପୁସ୍-ଅପ୍ କରୁଛନ୍ତି ଯୁବପିଢି ବି ତାଙ୍କ ପାଖରେ ହାର୍ ମାନିବେ। ବିଶ୍ୱାସ ହେଉ ନ ଥିଲେ ବି ଏଭଳି ଆଶ୍ଚର୍ଯ୍ୟଜନକ କାମ କରି ଦେଖାଇଛନ୍ତି ସେ। ମାତ୍ର ୬୦ ମିନିଟ୍ ମଧ୍ୟରେ ସେ ୧,୫୭୫ ଥର ପୁସ୍-ଅପ୍ କରି ପାରିଛନ୍ତି। ଏତେ କମ୍ ସମୟ ମଧ୍ୟରେ ଏତେ ଅଧିକ ଥର ପୁସ୍-ଅପ୍ କରିପାରିଥିବାରୁ ତାଙ୍କୁ ଗିନିଜ୍ ରେକର୍ଡରେ ସ୍ଥାନ ମିଳିଛି। ମହିଳା ବର୍ଗରେ ସେ ଏହି ସଫଳତା ହାସଲ କରିଛନ୍ତି। ଏହି ବୟସରେ ସାଧାରଣତଃ ଅନ୍ୟମାନେ ଶରୀର ତଥା ଅସ୍ଥି ଦୁର୍ବଳ ହୋଇଥିବା ଅନୁଭବ କରି ଏଭଳି ଏକ୍ସରସାଇଜ୍ କରିବାକୁ ପଛଘୁଞ୍ଚା ଦେଇଥାନ୍ତି। ହେଲେ ଡୋନା କୁହନ୍ତି, ଏବେ ବି ସେ ଏକଦମ୍ ଫିଟ୍ ଅଛନ୍ତି ଓ ଆହୁରି ଶୀଘ୍ର ପୁସ୍ -ଅପ୍ କରିବା ପାଇଁ ଅଭ୍ୟାସ କରୁଛନ୍ତି।



# କବିତା

## ନୂଆ ମହକ

ଉଇଁଲେଣିଟି ସୂରୁଯ ଦେବ
ଗଲାଣି ରାତି ପାହି,
ପୁରୁଣା ଗଲା ଆସିଛି ନୂଆ
ସଭିଙ୍କ ଶୁଭ ପାଇଁ।
ନୂଆ ଆଲୋକ ପରଶେ ଧରା
ହସଇ କିରିକିରି,
ସରଗ ଦେଶୁ ଆଶିଷ ଝର
ଝରଇ ଥିରିଥିରି।
ହସଖୁସିର ଲହରି ଯେତେ
ଶୁଖିଲା ଓଠେ ଭରେ,
ନୂଆ ବରଷ ନୂଆ ମହକେ
ଦୁଃଖକଷଣ ହରେ।
ଗଛ ଡାଳରେ ପକ୍ଷୀଏ ବସି
ରହିଛନ୍ତିଟି ଚାହିଁ,
ନୂଆ ସକାଳ ସହ ହରଷେ
ମିତ ବସିବା ପାଇଁ।
ପରଜାପତି ଉଡ଼ିଉଡ଼ିକା
ଫୁଲରୁ ଫୁଲ ବସେ,
ଚିକିମିକିଆ ଛବିରେ ତା'ର
ସବୁରି ମନ ରସେ।

– **ଶରତ କୁମାର ଦାସ**
ବଡ଼ବିଲ, କେନ୍ଦୁଝର
ମୋ: ୮୨୪୯୧୩୭୦୯୧

## ନୂଆବର୍ଷ

ନୂଆବର୍ଷ ଆସିଗଲା
ନୁଆ ସବୁ ହେବ
ନୁଆ ପିଢି ପାଦ ଥାପି
ଦୁନିଆ ଦେଖିବ।
ନୂଆ କେତେ ଚିନ୍ତା ନେଇ
ନୂଆ ଉଦ୍ଭାବନ
ନୂଆ ସବୁ ମନ ଛୁଏଁ
ନୂଆ ଆଗମନ।
ନୂଆ କେତେ ବୈଜ୍ଞାନିକ
ନୂଆ ଆଣି ଦେବେ
ନୂଆ ଚିନ୍ତା ଧାରା ନେଇ
ବ୍ରହ୍ମାଣ୍ଡ ଖୋଜିବେ।
ବର୍ଷଟିଏ ଶେଷ ପରେ
ନୂଆ ବର୍ଷ ଆସେ
ସମୟଟି ଅହ ରହ
ନୂଆହିଁ ପ୍ରକାଶେ।

– **ସୁଧୀର କୁମାର ଦାସ**
ତରାବୋଇ,ଜଟଣୀ, ଖୋର୍ଦ୍ଧା
ମୋ: ୯୩୩୭୩୩୫୮୩୮

## ସ୍ୱାଗତ

ନୂଆ ସୂରୁଜର ନୂଆ କିରଣରେ
ଏକମନ ହୋଇ କାମ କରିଯିବା।
ସୁନ୍ଦର ଭାରତ ପରିକଳ୍ପନାରେ
ଆମ ପରିବେଶ ସ୍ୱଚ୍ଛ ରଖିବା।
ଅସୁମାରୀ ଆଶା ଅଯୁତ ସପନ
ବୃକ୍ଷଟିଏ ପୋତି ସାକାର କରିବା
ଜୀବ ହତ୍ୟା ଛାଡ଼ି ଭାବ ପୀରତିରେ
ସଭିଙ୍କ ମନରେ ଆଶା ସଞ୍ଚାରିବା।
ନୂଆ ପ୍ରତିଶ୍ରୁତି ନୂତନ ଭାବନା
ନୂଆ ଚିନ୍ତାଧାରା ଉନ୍ନତ କରିବା
କ୍ରୋଧ ହିଂସା ଛାଡ଼ି ଭାଇଚାରା ସୂତ୍ରେ
ସମ୍ପର୍କର ସେତୁ ସୁଦୃଢ କରିବା।
ଶୀତୁଆ ସଞ୍ଜରେ ମନ୍ଦିର ବେଢ଼ାରେ
ଦୀପଟିଏ ଜାଳି ପ୍ରାର୍ଥନା କରିବା
ଦୁଃଖ ଶୋକ ରୋଗ ଲୀନ ହୋଇଯାଉ
ସଭିଙ୍କ ମଙ୍ଗଳ ହୃଦେ ମନାସିବା।

– **ଶୁଭେନ୍ଦୁ ମହାପାତ୍ର**
ଚାଉଳିଆ, ମଙ୍ଗଳପୁର, ଯାଜପୁର
ମୋ: ୯୪୩୮୦୬୪୯୦୮



# ଏଥରର ?

- କେଉଁ ପ୍ରକ୍ରିୟାରେ ଗଛ ତା'ର ଖାଦ୍ୟ ପ୍ରସ୍ତୁତି କରିଥାଏ ?
- ସୋଲାର ସିଷ୍ଟମ୍‌ରେ କେତୋଟି ଗ୍ରହ ଅଛନ୍ତି ?
- ମନୁଷ୍ୟ ଶରୀର ମଧ୍ୟରେ କେତୋଟି କିଡ୍‌ନୀ ରହିଛି ?
- ଭାରତରେ ପ୍ରଥମ ମୋଗଲ ସମ୍ରାଟଙ୍କ ନାମ ?
- ଅଣ୍ଡାରେ କେଉଁ ଖାଦ୍ୟସାର ପ୍ରଚୁର ପରିମାଣରେ ରହିଛି ?

## ଗତଥରର ଉ ତ୍ତ ର

- ନେପାଳ
- ଫିନ୍‌ଲାଣ୍ଡ
- ଜାପାନୀ
- ଗୁଜରାଟ
- ଡେହରି ଡ୍ୟାମ୍



## କହିଲ ଦେଖି

ଶାଳ ତାଳ କେତେ ଗଛ
ଖୋଲରେ ରହେ
ପକ୍ୱ ଫଳ ମକା
ଆଦି ସେ ଖାଏ
ପୋଷା ମାନି ରହେ ଘରେ
କୁନା କଥା ଶୁଣି ନକଲ କରେ।



ଉତ୍ତର – **ଶୁଆ**

ଚତୁର ପକ୍ଷୀ ରଙ୍ଗ ତା' କଳା
ସୁନ୍ଦର ଆଖିଡୋଳା
ଡାକ ଛାଡେ ରାଉ ରାଉ,
ତା' ଡାକ ଶୁଣି ସକାଳୁ ଆମେ
ନିଦରୁ ଉଠିଯାଉ।



ଉତ୍ତର – **କାଉ**

ଡାକ ଶୁଣିଲେ ନିଦ ଭାଙ୍ଗଇ
ଜାଣୁ ସକାଳ ହେଲା
ଖୁଦ ଚାଉଳ ଆହାର ତା'ର
ଚରେ ବାଡ଼ିରେ ଖୋଲା
ଓଟେଇ ତା'ର ଘର
ତା' ଡିମ୍ବ ପୁଷ୍ଟିକର।



ଉତ୍ତର – **କୁକୁଡ଼ା**

– **ବୈକୁଣ୍ଠ ବିହାରୀ ସ୍ୱାଇଁ**
ଶରଣ ଶ୍ରୀକ୍ଷେତ୍ର, ଏକାଘରିଆ, ଢେଙ୍କାନାଳ
ମୋ: ୯୯୩୭୨୩୯୮୨୮

# ସାପଙ୍କୁ ଆକର୍ଷିତ କରୁଥିବା ବୃକ୍ଷ

ସାପକୁ ଅଧିକ ବିଷଧର ପ୍ରାଣୀ କୁହାଯାଏ । କିଛି ସାପ ଏତେ ବିଷଧର ହୋଇଥାନ୍ତି ଯେ ଥରେ କାମୁଡିଲା ମାନେ ପ୍ରାଣୀଙ୍କର ମୃତ୍ୟୁ ସୁନିଶ୍ଚିତ । କିନ୍ତୁ ଏମିତି କିଛି ବୃକ୍ଷ ରହିଛି, ଯାହା ନିକଟକୁ ସାପମାନେ ଆକର୍ଷିତ ହୁଅନ୍ତି । ଏଭଳି ବୃକ୍ଷକୁ ଘର ପାଖରେ ଲଗାନ୍ତୁ ନାହିଁ, କାହିଁକି ନା ଏହି ବୃକ୍ଷ ନିକଟକୁ ସାପ ବିନା ଦ୍ୱିଧାରେ ପଶି ଆସନ୍ତି । ଏଭଳି ବୃକ୍ଷ ମଧ୍ୟରେ ରହିଛି ସାଇପ୍ରସ୍ ବୃକ୍ଷ । ଏହା ସୁନ୍ଦର ଏବଂ ଘଞ୍ଚ ହୋଇଥାଏ । ଯାହାକୁ ଘରେ ସଜାଇବା ଲାଗି କୁଣ୍ଡ କିମ୍ବା ବଗିଚାରେ ଲଗାଇଥାନ୍ତି । କିନ୍ତୁ ଏହାର ଘଞ୍ଚପତ୍ର ଯୋଗୁ ସାପକୁ ବହୁତ ପସନ୍ଦ ଆସିଥାଏ । ଏହି ବୃକ୍ଷରେ ସାପ ଖୁବ୍ ସହଜରେ ଲୁଚିକି ରହିଯାନ୍ତି । ସେହିପରି ଲେମ୍ବୁଗଛରେ ଅଧିକ ପରିମାଣରେ ଶାଖା ରହିଥାଏ । ଯେଉଁ କାରଣରୁ ଏହି ବୃକ୍ଷ ବହୁତ ଗହଳିଆ ହୋଇଥାଏ । ଘଞ୍ଚ ପତ୍ର କାରଣରୁ ମୂଷା, ସାପ ଏବଂ ଅନ୍ୟ ପୋକଜୋକ ଏହି ବୃକ୍ଷ ମୂଳରେ ବସାବାନ୍ଧି ଥାନ୍ତି । ସେହିଭଳି ମଲ୍ଲୀଫୁଲ ସାଧାରଣତଃ ଧଳା ରଙ୍ଗର ହୋଇଥାଏ । କିନ୍ତୁ ଏହାର ଡାଳ ଅଧିକ ଥାଏ । ତେଣୁ ଏହି ବୃକ୍ଷ ବେଶ୍ ଘଞ୍ଚ । ଏହି ବୃକ୍ଷ ମୂଳରେ ନିକଟରେ ସାପ, ବିଛା ଏବଂ ଅନ୍ୟ ପୋକଜୋକ ସହଜରେ ରହିପାରନ୍ତି । ଲବଙ୍ଗର ବାସ୍ନା ଏତେ ଅଧିକ ହୋଇଥାଏ ଯେ ଏହା ସାପଙ୍କୁ ଆକର୍ଷିତ କରିଥାଏ । ତେଣୁ ଏହି ଗଛ ନିକଟରେ ସାପମାନେ ରହିବା ପାଇଁ ଆକର୍ଷିତ ହୁଅନ୍ତି । ଚନ୍ଦନ ବୃକ୍ଷର ଶୀତଳତା ଏବଂ ବାସ୍ନା ସମସ୍ତଙ୍କୁ ଆକର୍ଷାିତ କରିଥାଏ । ଏହି ବୃକ୍ଷଗୁଡିକ ସାଧାରଣତଃ ଅଧିକ ଉଚ୍ଚତା ସହିତ ଛାୟାଯୁକ୍ତ ହୋଇଥାଏ । ତେବେ ଏହାର ବାସ୍ନା ମଧ୍ୟ ସାପଙ୍କୁ ଆକୃଷ୍ଟ କରେ । ଯାହାଫଳରେ ସାପ ଏହା ନିକଟରେ ରହିବାକୁ ପସନ୍ଦ କରନ୍ତି । ତେଣୁ ଏହି ସବୁ ବୃକ୍ଷଗୁଡିକୁ ଘର ଆଖପାଖରେ ଆଦୌ ଲଗାଇବା ପୂର୍ବରୁ ସତର୍କ ରୁହନ୍ତୁ । କାରଣ ଏସବୁ ଗଛ ଆପଣଙ୍କ ପାଇଁ ବିପଦକୁ ଡାକି ଆଣିପାରେ ।





# କାର୍ଡିନାଲ୍ସ ବାର୍ଡ



ପିଲାଏ, ତୁମେ ଜାଣିଛ କି ଏମିତି ଏକ ପକ୍ଷୀ ଅଛି ଯାହାକୁ କାର୍ଡିନାଲ୍ସ ବାର୍ଡ କୁହାଯାଏ । ଏହି ପକ୍ଷୀର ରଙ୍ଗ ଗାଢ଼ ଲାଲ । ବିଶେଷଭାବରେ ଏହି ପକ୍ଷୀ ଉତ୍ତର ଆମେରିକାରେ ଦେଖିବାକୁ ମିଳିଥାନ୍ତି । କିନ୍ତୁ କ୍ରିସ୍‌ମସ୍ ମାସରେ ଏମାନଙ୍କର ସଂଖ୍ୟା ବୃଦ୍ଧି ପାଇଥାଏ । ଖାସ୍ କଥା ହେଲା, ଏହି ଆକର୍ଷଣୀୟ ପକ୍ଷୀମାନେ ଗୀତ ଗାଇଥାଆନ୍ତି । ସେଥପାଇଁ ଏମାନଙ୍କୁ ମଧ୍ୟ କ୍ରିସ୍‌ମସ୍ ପକ୍ଷୀ ମଧ୍ୟ କୁହାଯାଏ । ଏହା ବ୍ୟତୀତ ଏମାନଙ୍କର ମାଈ ଏବଂ ଅଣ୍ଡିରା ମଧ୍ୟରେ ପ୍ରଭେଦ ଦେଖିବାକୁ ମିଳିଥାଏ । ଏମାନେ ମଧ୍ୟ ହଳଦିଆ ଏବଂ ଧଳା ରଙ୍ଗର ଦେଖାଯାନ୍ତି । କାର୍ଡିନାଲ୍ସର ଲାଞ୍ଜ, ଥଣ୍ଟ ଆଦି ଲାଲ ରଙ୍ଗର ହୋଇଥାଏ । ଏମାନଙ୍କର ଡେଣାର ରଙ୍ଗ ଲାଲ, ନାରଙ୍ଗୀ, ହଳଦିଆ ଏବଂ ଗୋଲାପୀ । ମାଈ କାର୍ଡିନାଲ୍ସ ଲାଲ ରଙ୍ଗ ବଦଳରେ ହଳଦିଆ କିମ୍ବା ଧୂସର ରଙ୍ଗରେ ଅଧିକ ଦେଖାଯିବା ବେଳେ କେତେକ ଅଣ୍ଡିରା ପକ୍ଷୀଙ୍କର ରଙ୍ଗ ଲାଲ ହୋଇଥାଏ ।

# ଯାଦୁ ବାକ୍ସ

ନିକୁଞ୍ଜ ବିହାରୀ ସାହୁ

ମୁନା ସେଦିନ ବାପାଙ୍କ ସାଙ୍ଗରେ ବିଜ୍ଞାନ ମେଳା ବୁଲି ଯାଇଥାଏ । ସେ ମେଳା ବୁଲୁ ବୁଲୁ ହଠାତ୍ ଗୋଟିଏ ପ୍ରକଳ୍ପ ପାଖରେ ଅଟକି ଗଲା । ପ୍ରକଳ୍ପଟିରେ ଲେଖା ଥିଲା 'ଯାଦୁ ବାକ୍ସ' । ସେ ପ୍ରକଳ୍ପ ଦେଖିବାକୁ ଆଗ୍ରହ ପ୍ରକାଶ କରନ୍ତେ ପ୍ରକଳ୍ପକର୍ତ୍ତା ସେ ବାକ୍ସଟିକୁ ତା'କୁ ପ୍ରଦର୍ଶନ କରାଇଲେ । ପ୍ରକଳ୍ପଟିକୁ ଏକ ପଇସା ଗଳେଇବା କୁମ୍ଭିବାକ୍ସ ସଦୃଶ ତିଆରି କରା ଯାଇଛି । ପ୍ରକଳ୍ପଟିରେ ପଇସା ଗଳେଇବା ପାଇଁ ବାକ୍ସର ଉପରିଭାଗରେ ଏକ ଛିଦ୍ର ଥାଏ, ଯେପରି ପଇସା ଗଳାଇଲେ ପଇସା ଏହି ବାକ୍ସ ମଧ୍ୟରେ ପଡିବ । ପ୍ରକଳ୍ପର ସମ୍ମୁଖଭାଗ ଖୋଲାଥାଏ ଯେପରି ଦର୍ଶକ ବାକ୍ସ ମଧ୍ୟରେ ପଡୁଥିବା ପଇସାକୁ ଦେଖି ପାରିବେ । ପ୍ରକଳ୍ପକର୍ତ୍ତା ସେଇଠୁ ବାକ୍ସର ଏହି ଛିଦ୍ର ମଧ୍ୟରେ ଥର ଥର କରି ଅନେକ ପଇସା ଗଳାଇଲେ । ବାକ୍ସରେ ପଇସା ପଡିବାର ଶବ୍ଦ ତ ଠନ ଠନ କରି ଶୁଭାଗଲା ; ମାତ୍ର କୌଣସି ପଇସା ବାକ୍ସ ମଧ୍ୟରେ ପଡିଲା ନାହିଁ । ମୁନାକୁ ଲାଗିଲା ପଇସାସବୁ ବାକ୍ସ ମଧ୍ୟରେ ପଡୁ ପଡୁ କୁଆଡେ ଅଦୃଶ୍ୟ ହୋଇ ଯାଉଛି । ଏହା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ । ମୁନାର ମଧ୍ୟ ଆଶ୍ଚର୍ଯ୍ୟର ସୀମା ନ ଥିଲା ।

ସେ ବାପାଙ୍କୁ ପଚାରିଲା , 'ବାପା, ପଇସା ସବୁ ତ ବାକ୍ସ ମଧ୍ୟରେ ପଡୁଛି । ପଡିବାର ଶବ୍ଦ ମଧ୍ୟ ଶୁଭୁଛି । ମାତ୍ର କୌଣସି ପଇସା ବାକ୍ସ ମଧ୍ୟରେ ପଡିବାର ଦେଖାଯାଉ ନାହିଁ । ତେବେ ପଇସା ସବୁ ଯାଉଛି କୁଆଡେ ? ମୋତେ ଏହା ଟିକେ ବୁଝାଇ ଦିଅ ।'

ବାପା ହସି ହସି କହିଲେ, ''ତୁ ଭଲ ପ୍ରଶ୍ନଟିଏ ପଚାରିଲୁ । ବୁଝାଇ କହୁଛି ଶୁଣ । ଏ ବାକ୍ସ ମଧ୍ୟରେ ତୀର୍ଯ୍ୟକ ଭାବରେ ଏକ ସମତଳ ଦର୍ପଣ ଖଞ୍ଜା ଯାଇଛି । ଏହି ଦର୍ପଣଟିକୁ ବାକ୍ସ ମଧ୍ୟରେ ଏପରି ରଖାଯାଇଛି ଯେ ଏହା ବାକ୍ସଟିକୁ ଦୁଇଟି ପ୍ରକୋଷ୍ଠରେ ବିଭକ୍ତ କରୁଛି । ସେଥିରୁ ଗୋଟିଏ ପ୍ରକୋଷ୍ଠ ଦର୍ଶକଙ୍କ ଆଡକୁ ଥିଲାବେଳେ ଅନ୍ୟ ପ୍ରକୋଷ୍ଠଟି ଦର୍ଶକଙ୍କଠାରୁ ଦୂରେଇ ରହିଥାଏ । ବାକ୍ସ ଉପରେ ଥିବା ଛିଦ୍ରଟି ଏପରି କରାଯାଇଥାଏ ଯେ, ପଇସା ଗଳାଇଲେ ତାହା ଦର୍ପଣ ପଛପଟେ ଥିବା ଦ୍ୱିତୀୟ ପ୍ରକୋଷ୍ଠ ମଧ୍ୟରେ ପଡେ । ଏହି ପ୍ରକୋଷ୍ଠଟି ଦର୍ପଣ ପଛପଟେ ରହିଥିବାରୁ ଏହାକୁ ଦର୍ଶକ ଦେଖିପାରେ ନାହିଁ । ତେଣୁ ବାକ୍ସରେ ପଡୁଥିବା ପଇସା ଅଦୃଶ୍ୟ ହୋଇଗଲା ପରି ଭ୍ରମ ଧାରଣା ସୃଷ୍ଟି ହୁଏ ।''





ସେଇଠୁ ମୁନା ପଚାରିଲା, ''ବାପା, ଆପଣ ତ କହିଲେ ବାକ୍ସ ମଧ୍ୟରେ ଗୋଟିଏ ଦର୍ପଣ ଖଞ୍ଜା ହୋଇଛି ବୋଲି ; ହେଲେ ଆମେ ବାକ୍ସ ମଧ୍ୟରେ ଦର୍ପଣର ଉପସ୍ଥିତି କାହିଁକି ବାରିପାରୁ ନାହେଁ ?'' ବାପା କହିଲେ, ଭଲ ପ୍ରଶ୍ନଟିଏ ପଚାରିଲୁ, ବୁଝାଇ କହୁଛି ଶୁଣ । ଏହା କୌଣସି ସମତଳ ଦର୍ପଣରେ ଆଲୋକର ପ୍ରତିବିମ୍ବ ଗଠନର ଏକ ସରଳ ନିୟମ ଉପରେ ପର୍ଯ୍ୟବସିତ । ଏହି ନିୟମ ଅନୁସାରେ, ଦର୍ପଣ ସମ୍ମୁଖରେ ଥିବା ବସ୍ତୁର ଦର୍ପଣଠାରୁ ଦୂରତା, ଦର୍ପଣ ପଛପଟେ ସୃଷ୍ଟ ପ୍ରତିବିମ୍ବର ଦର୍ପଣଠାରୁ ଦୂରତା ସଙ୍ଗେ ସମାନ ହୋଇଥାଏ । ତୀର୍ଯ୍ୟକ ଦର୍ପଣଟିରେ ବାକ୍ସତଳର ଏକ ପ୍ରତିବିମ୍ବ ଗଠିତ ହୁଏ । ଆହୁରି ମଧ୍ୟ ତୀର୍ଯ୍ୟକ ଦର୍ପଣଟି ଆଧାରତଳଠାରୁ ୪୫ ଡିଗ୍ରୀ କୋଣରେ ଆନତ ଅବସ୍ଥାରେ ଥିବାରୁ ଦର୍ପଣ ମଧ୍ୟରେ ଗଠିତ ବାକ୍ସତଳର ପ୍ରତିବିମ୍ବ ବାକ୍ସ ପ୍ରତି ଲମ୍ବ ଭାବରେ ସୃଷ୍ଟି ହୁଏ । ସମତଳ ଦର୍ପଣରେ ପ୍ରତିବିମ୍ବ ଗଠନର ନିୟମ ଅନୁଯାୟୀ, ଏହି ପ୍ରତିବିମ୍ବ ଆଭାସୀ ଓ ସିଧା ହୋଇଥାଏ । ଦର୍ପଣରେ ବାକ୍ସତଳର ଏହି ଆଭାସୀ ପ୍ରତିବିମ୍ବ ବାକ୍ସର ଭୂଲମ୍ବ କାନ୍ଥର ଭ୍ରମଧାରଣା ସୃଷ୍ଟି କରି ଏକ ପୂର୍ଣ୍ଣାଙ୍ଗ ବାକ୍ସର ବିଭ୍ରମତା ସୃଷ୍ଟିକରେ ଏବଂ ଦର୍ଶକ ବାକ୍ସ ମଧ୍ୟରେ ଦର୍ପଣର ଉପସ୍ଥିତି ବାରି ନ ପାରି ଯେପରି ପୂର୍ଣ୍ଣାଙ୍ଗ ବାକ୍ସଟିକୁ ଦେଖେ । ମାତ୍ର ବାକ୍ସଟିର ପଛପଟେ ଦିଶୁଥିବା କାନ୍ଥଟି ଏକପ୍ରକର କାନ୍ଥ ନୁହେଁ ; ବରଂ ବାକ୍ସ ଆଧାରତଳର ଏକ ପ୍ରତିବିମ୍ବ ଅଟେ ବୋଲି ବାପା ବୁଝାଇ କହିଲେ ।

ଏତିକିବେଳେ ପ୍ରକଳ୍ପକର୍ତ୍ତା ବାକ୍ସଟିକୁ ଖୋଲି ତା' ମଧ୍ୟରେ ଥିବା ତୀର୍ଯ୍ୟକ ଦର୍ପଣ ଓ ଗୁପ୍ତ ପ୍ରକୋଷ୍ଠଟି ଦେଖାଇଲେ । ବାକ୍ସ ମଧ୍ୟରେ ଯେ ସତରେ ଏକ ଦର୍ପଣ ଓ ଗୁପ୍ତ ପ୍ରକୋଷ୍ଠ ରହିଥିଲା, ଏହା ଦେଖି ମୁନା ନିଜ ଆଖିକୁ ବିଶ୍ୱାସ କରିପାରିଲା ନାହିଁ । ସେ ପୁଣି ଦେଖିଲା ବାକ୍ସରେ ପୂର୍ବରୁ ପକାଯାଇଥିବା ସମସ୍ତ ପଇସା ସେହି ଗୁପ୍ତ ପ୍ରକୋଷ୍ଠ ମଧ୍ୟରେ ହିଁ ପଡିଛି ।

ମୁନା ଏଥର ବାପାଙ୍କ ଉତ୍ତରରୁ ଯାଦୁବାକ୍ସ ପଛରେ ଥିବା ସମସ୍ତ ରହସ୍ୟ ବୁଝିପାରିଥିଲା । ତେଣୁ ବିଜ୍ଞାନମେଳା ଦେଖି ବାପାଙ୍କ ସାଙ୍ଗରେ ଘରକୁ ଫେରିବାବେଳେ ତା'ର ମନ ଭାରି ଖୁସି ଥିଲା ସେଦିନ ।

ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର,
ଭୋପାଳ, ମଧ୍ୟପ୍ରଦେଶ
ମୋ : ୮୯୧୭୬୩୭୯୭୪

# ଆ ଇ ନା

**ଅନୁଷ୍କା ପଟ୍ଟନାୟକ**
୭ ବର୍ଷ/ ତାଳଚେର





**ଖାଜେ ସାକିବ୍ ରାଜା**
୪ ବର୍ଷ/ଯାଜପୁର